## ସଂକ୍ଷେପରେ

### କାଲିମେଲା ବ୍ଲକ: ଡି.ବିଶ୍ୱନାଥ ରେଡ୍ଡୀ ବିଜେଡି କାର୍ଯ୍ୟକାରୀ ସଭାପତି



ମାଲକାନଗିରି, ୨୪।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବିଜୁ ଜନତା ଦଳ ସମ୍ପାଦକ ଡି. ବିଶ୍ୱନାଥ ରେଡ୍ଡୀଙ୍କୁ କାଲିମେଲା ବ୍ଲକ ବିଜୁ ଜନତା ଦଳ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ କରାଯାଇଛି। ରେଡ୍ଡୀ ନିଜ ଦାୟିତ୍ୱ ନିଷ୍ଠାପର ଓ ଶୃଙ୍ଖଳିତ ଭାବେ ତୁଲାଉଥିବା ଯୋଗୁ ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କାଲିମେଲା ବ୍ଲକ ସଂଗଠନକୁ ସୁଦୃଢ଼ କରିବା ନିମନ୍ତେ ତାଙ୍କୁ ଏହି ନୂତନ ଦାୟିତ୍ୱ ଜିଲା ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ବାକା ଦେଇଥିବା ଜଣାପଡିଛି। ସେ ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲା ପର୍ଯ୍ୟବେକ୍ଷକ ଦିବ୍ୟଶଙ୍କର ମିଶ୍ର, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ସ୍ୱତନ୍ତ୍ର ବିକାଶ ପରିଷଦ ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝି, ବିଜୁ ଜନତା ଦଳ ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଓ ବିଧାୟକ ଚିତ୍ରକୋଣ୍ଡା ପୂର୍ଣ୍ଣଚନ୍ଦ୍ର ବାକାଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

### ବିଦେଶୀ ମଦ ଜବତ, ଜଣେ ଗିରଫ

ମାଲକାନଗିରି, ୨୪।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଲିମେଲା ପୋଲିସ ଦ୍ୱାରା ବିଦେଶୀ ମଦ ଚୋରା ଚାଲାଣ କରୁଥିବା ଜଣେ ବ୍ୟକ୍ତିଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, କାଲିମେଲା ପୋଲିସ ଶନିବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଜଣେ ବ୍ୟକ୍ତି ଗୋଟିଏ ବ୍ୟାଗରେ ବିଦେଶୀ ମଦ ନେଇ ଯାଉଥିବା ଦେଖି ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଅଟକାଇ ଯାଞ୍ଚ କରିବାରୁ ତାଙ୍କ ବ୍ୟାଗରେ ବିଦେଶୀ ମଦ ଥିବା ଦେଖିବାକୁ ପାଇଥିଲା। ପରେ ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ସହ ବିଦେଶୀ ମଦ ଜବତ କରି କାଲିମେଲା ଥାନାକୁ ଦେଇଥିଲେ।



ତେବେ ଉକ୍ତ ବ୍ୟାଗରେ ମୋଟ ୨୭ ଲିଟର ୩୫୦ ମିଲିଟର ବିଭିନ୍ନ କମ୍ପାନୀର ବିଦେଶୀ ମଦ ଥିବା ବେଳେ ଅଭିଯୁକ୍ତ ଜଣକ କାଲିମେଲା ଥାନା ଅନ୍ତର୍ଗତ ଗାରମେଟା ଗ୍ରାମର ରାମା ମାଡକାମି ବୋଲି ଜଣାପଡିଛି। ଏହି ବିଦେଶୀ ମଦ ସେ ଚୋରା ଚାଲାଣ କରି ନିଜ ଗ୍ରାମକୁ ନେଉଥିବା ଜଣା ପଡିଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମାମଲା ରୁଜୁକରି କୋର୍ଟ ଚାଲାଣ କରାଯାଇଛି।

### ମହୁମାଛି ଆକ୍ରମଣରେ ଜଣେ ଆହତ

ତେନ୍ତୁଳିଖୁଣ୍ଟି, ୨୪।୯ (ଚିଦାନନ୍ଦ ସାହୁ)

ତେନ୍ତୁଳିଖୁଣ୍ଟି ବ୍ଲକର ପୂଜାରିଗୁଡା ପଞ୍ଚାୟତ କୁର୍ମାକଟ ଗ୍ରାମର ପର୍ଶୁରାମ ହରିଜନ (୩୪) ନିଜ ମକା ବାଡ଼କୁ ଯାଇ ଫେରୁଥିବା ବେଳେ ମହୁମାଛି ଆକ୍ରମଣରେ ଆହତ ହୋଇଛନ୍ତି। ଖବରପାଇ ଗ୍ରାମର ମେମ୍ବର ଉମ୍ବରୁ କର୍କରା ଓ କକିଲ କର୍କରା ତାଙ୍କୁ ଉଦ୍ଧାର କରି ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ସୁସ୍ଥ ଥିବା ଜଣାପଡିଛି।

# ମୁଖ୍ୟ ଅଭିଯୁକ୍ତ ଗିରଫ ପରେ କୋର୍ଟ ଚାଲାଣ

ନବରଙ୍ଗପୁର/ପାପଡାହାଣ୍ଡି, ୨୪।୯ (ସଦାଶିବ ପ୍ରହରାଜ/ସ୍ୱପ୍ନଜିତ ପଟ୍ଟନାୟକ)

ସାମାନ୍ୟ ବଚସାକୁ ନେଇ କୋଡ଼ିଙ୍ଗା ଥାନା ଚଟାହାଣ୍ଡିରେ ଗୁରୁବାର ରାତିରେ ଗଳାକାଟି ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ପୂର୍ଣ୍ଣ ହରିଜନ(୩୨)ଙ୍କୁ ରବିବାର ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ନମ୍ବର ୧୯୯/୨୩ରେ ମାମଲା ରୁଜୁ କରିଥିଲା। ଏ ନେଇ ପାପଡାହାଣ୍ଡି ଥାନାରେ ଅତିରିକ୍ତ ଏସ୍‌ପି ପି.କେ. ପଟ୍ଟନାୟକ ଓ ଅନ୍ୟମାନେ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ ଗୁରୁବାର ରାତି ପ୍ରାୟ ୮ଟାରେ ହରିଶ୍ଚନ୍ଦ୍ର ମାଝିଗୁଡା ଗ୍ରାମର ମହାଦେବ ଭତରା ଓ ତାଙ୍କର ସମ୍ପର୍କୀୟଙ୍କ ବାଇକ୍ ହେଡ୍ ଲାଇଟ ଅଭିଯୁକ୍ତ ପୂର୍ଣ୍ଣଙ୍କ ଉପରେ ପଡ଼ିବା ପରେ ଏହାକୁ କେନ୍ଦ୍ରକରି ପୂର୍ଣ୍ଣ ଓ ମହାଦେବଙ୍କ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ମହାଦେବ ନିଜ ସମ୍ପର୍କୀୟଙ୍କୁ ସାଙ୍ଗରେ ନେଇ ଚଟାହାଣ୍ଡି ଗାଁର ପୂର୍ଣ୍ଣଙ୍କ ଘରକୁ ଯାଇ ଝଗଡା କରିଥିଲେ। ପୂର୍ଣ୍ଣ ଏବଂ ତାଙ୍କ ପରିବାର ଲୋକେ ବିଭିନ୍ନ ମାରଣାସ୍ତ୍ରରେ ମହାଦେବ ଓ ତାଙ୍କ ସମ୍ପର୍କୀୟଙ୍କ ଉପରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ମହାଦେବଙ୍କର ମୃତ୍ୟୁ ଘଟିଥିବା ବେଳେ ନାରାୟଣଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ସୋମନାଥ ଭତରା ଓ ବୁଦ୍ଧୁରାମ ଭତରା ଆହତ ହୋଇଥିଲେ। ଚଟାହାଣ୍ଡି ଗ୍ରାମରେ ଗୁରୁବାର ରାତି ଓ ଶୁକ୍ରବାର ଦିନତମାମ ପୋଲିସ ଟିମ୍, ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ମୁତୟନ ରହି ତନାଘନା କରି ମୁଖ୍ୟ ଅଭିଯୁକ୍ତ ପୂର୍ଣ୍ଣ ହରିଜନ ଓ ୩ ସହଯୋଗୀଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଥିଲା । ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରାଯାଇଛି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଆଦିତ୍ୟ ସେନ, ପାପଡାହାଣ୍ଡି ଥାନା ଅଧିକାରୀ ଦୀପକ ଜେନା, କୋଡିଙ୍ଗା ଥାନା ଅଧିକାରୀ ଯୁଗଳ ଶବର ପ୍ରମୁଖ ଉପସ୍ଥିତ ଥିଲେ ।



ହତ୍ୟା ଘଟଣାକୁ ନେଇ ଖବରଦାତା ସମ୍ମିଳନୀ।

**ଗଳାକାଟି ହତ୍ୟା ମାମଲା**

# ବଜ୍ରପାତରେ ମହିଳାଙ୍କ ମୃତ୍ୟୁ, ୨ ଗୁରୁତର

ଉମରକୋଟ, ୨୪।୯ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଥାନା ବକଡାବେଡା ପଞ୍ଚାୟତ ଟେଣ୍ଡକାଗୁଡା ଗ୍ରାମରେ ରବିବାର ଧାନ ବିଲରେ ଘାସ ସଫା କରିବାକୁ ଯାଇ ଫେରୁଥିବା ସମୟରେ ବଜ୍ରପାତ ଘଟି ଜଣେ ମହିଳାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ୨ ଗୁରୁତର ଉମରକୋଟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁଯାୟୀ, ଟେଣ୍ଡକାଗୁଡା ଗ୍ରାମର ନବିନା ଭତ୍ରା ଜମିରେ ଦୁଇ ମହିଳା ଶ୍ରମିକଙ୍କ ସହ ଘାସ ସଫା କରୁଥିଲେ। ଅପରାହ୍ନରେ ଘଡଘଡି ବିଜୁଳି ସହ ଭୀଷଣ ବର୍ଷା ହୋଇଥିଲା। ଫଳରେ ସେମାନେ ଘରକୁ ଫେରୁଥିଲେ। ଏହି ସମୟରେ ନବିନା ଭତ୍ରାଙ୍କ ଉପରେ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ସେ ଟଳି ପଡ଼ିଥିଲେ। ବଜ୍ରପାତ ଏତେ ତୀବ୍ର ଥିଲା, ପିଚୁ ରାସ୍ତା ଖୋଳି ହୋଇଯାଇଥିଲା। ଗୁରୁତର ଅନ୍ୟ ୨ ଜଣ ମହିଳା ଶ୍ରମିକ ହେଲେ ବୁଦ୍ଧ ବାରୀ ଭତ୍ରା ଓ ତୁଳସା ଭତ୍ରା, ଦୁହେଁ ମା ଓ ଝିଅ ।

# ରେଳଡବା ଆକୃତିର ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ



ରେଳଡବା ଆକୃତିରେ ତିଆରି ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ।

ମାଥିଲି, ୨୪।୯ (ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଉଦୁଲିବେଡା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣାଙ୍କ ଉଦ୍ୟମରେ ରେଳଡବା ଓ ଅନ୍ୟ ଆକୃତିର ପ୍ରଧାନମନ୍ତ୍ରୀ ଆବାସ ତିଆରି କରି ଚର୍ଚ୍ଚାରେ ରହିଛନ୍ତି। ଉକ୍ତ ପଞ୍ଚାୟତରେ ସମୁଦାୟ ୨୭୫ ଆବାସ ନିର୍ମାଣ ପାଇଁ ଯୋଜନା ଥିବାବେଳେ ଆସନ୍ତା ମାସ ଅର୍ଥାତ ଅକ୍ଟୋବର ୨୩ ମଧ୍ୟରେ ୧୨୫ ଆବାସ ସମ୍ପୂର୍ଣ୍ଣ କରିବାକୁ ଧାର୍ଯ୍ୟ କରାଯାଇଛି। ଅକ୍ଟୋବର ୨୪ ଅର୍ଥାତ ଦଶହରା ଦିନ ଗୃହ ପ୍ରବେଶ କରାଯିବ ବୋଲି ମହାରଣା କହିଛନ୍ତି। ଭଉଁରିକୁଣ୍ଡ ଗ୍ରାମର ଲଛମନ ହନ୍ତାଲଙ୍କ ଘର ରେଳଡବା ଆକୃତିର ତିଆରି କରାଯାଇଥିବା ଦେଖାଯାଇଛି। ଅନ୍ୟମାନଙ୍କ ଆବାସ ମଧ୍ୟ ବିଭିନ୍ନ ଆକୃତିର ଓ ଭିନ୍ନ ପ୍ରକାର ରଙ୍ଗ ଦିଆଯାଇଥିବାରୁ ସେହି ଘର ଦେଖି ଅନ୍ୟମାନଙ୍କ ଉତ୍ସାହ ଦେଖିବାକୁ ମିଳିଛି। ଦେଖିବା ପାଇଁ ଅତି ସୁନ୍ଦର ହୋଇଥିବା ବେଳେ ଲୋକଙ୍କୁ ପିଇଓ ପ୍ରତ୍ୟେକ ଘରକୁ ଯାଇ ବୁଝାଉଛନ୍ତି। କିପରି ରେଳଡବା ଆକୃତିର ପ୍ରଧାନମନ୍ତ୍ରୀ ଆବାସ ହୋଇପାରିବ ସେ ନେଇ ସମସ୍ତ ହିତାଧିକାରୀଙ୍କୁ ବୁଝାଉଛନ୍ତି ।

# ରାଉଲିଗୁଡାରେ ନୂଆଖାଇ ଭେଟ୍‌ଘାଟ



ନୂଆଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଅତିଥି ଓ ପଞ୍ଚାୟତବାସୀ।

ପାପଡାହାଣ୍ଡି, ୨୪।୯ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମାନିଗାଁ ପଞ୍ଚାୟତ ରାଉଲିଗୁଡାଠାରେ ପଞ୍ଚାୟତର ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁବ୍ରତ ପରିଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଯଶେବନ୍ତ ନାୟକ, ପରେଶ ଜେନା, ସରପଞ୍ଚ ଶୁକଦେବ ମାଝୀ, ସମିତି ସଭ୍ୟ ବୈଜୟନ୍ତୀ ପୁଜାରି, ସରୋଜ ଜାଲଙ୍କ ସହ ସ୍ଥାନୀୟ ଜନ ପ୍ରତିନିଧି ଉପସ୍ଥିତ ଥିଲେ । ପଞ୍ଚାୟତର ୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଅତିଥିମାନଙ୍କୁ ପଞ୍ଚାୟତବାସୀ ସ୍ୱାଗତ ସମ୍ବର୍ଦ୍ଧନା କରି ମଞ୍ଚ ନିକଟକୁ ଏକ ବିରାଟ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ସମସ୍ତ ଅତିଥି ନୁଆଁଖାଇର ମହାନତା ଏହାର ସଂସ୍କୃତି ସମ୍ପର୍କରେ କହିବା ସହ ଉପସ୍ଥିତ ଜନସାଧାରଣଙ୍କୁ ନୂଆଖାଇର ଶୁଭେଚ୍ଛା ଜଣାଇଥିଲେ।

## ଡ୍ରେନେଜ୍ ବ୍ୟବସ୍ଥା ନାହିଁ : ବର୍ଷା ହେଲେ ଘରେ ପାଣି ପଶୁଛି

ତେନ୍ତୁଳିଖୁଣ୍ଟି, ୨୪।୯ (ଚିଦାନନ୍ଦ ସାହୁ)

ରାଜ୍ୟ ଓ କେନ୍ଦ୍ର ସରକାର ରାସ୍ତା ନିର୍ମାଣ ପାଇଁ ବିଭିନ୍ନ ବିଭାଗ ଦ୍ୱାରା ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା କାରଣରୁ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ମଞ୍ଜାଗାଁ ଗ୍ରାମ ପଞ୍ଚାୟତ ରାସ୍ତା ଉଭୟ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା କରାଯାଇ ନ ଥିବାରୁ ବର୍ଷା ହେଲେ ଜଳ ନିଷ୍କାସିତ ହୋଇ ନ ପାରି ଘରେ ପଶୁଛି। ନଚେତ ରାସ୍ତା ଉପରେ ଜମା ହୋଇ ପୋଖରୀର ଭ୍ରମ ସୃଷ୍ଟି କରୁଛି। ମଞ୍ଜାଗାଁ ଗ୍ରାମ ପଞ୍ଚାୟତର ୪ ନମ୍ବର ୱାର୍ଡରେ ପଞ୍ଚାୟତ ସମିତିର ସିସି ରୋଡ ନିର୍ମାଣ କରାଯାଇଥିଲେ ମଧ୍ୟ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷାଦିନେ ସ୍ଥିତି ସଙ୍ଗୀନ ହୋଇପଡୁଛି। ରାସ୍ତାରେ ପଡିଥିବା ଆବର୍ଜନା ସହ ବର୍ଷାଜଳ ଘରେ ପଶୁଛି। ଚଳିତ ବର୍ଷ ନୂଆଖାଇ ଦିନ ହୋଇଥିବା ବର୍ଷାରେ ରାସ୍ତା ପାର୍ଶ୍ୱ ବୈଷ୍ଣବ ସାହି, ଗୌଡ଼ ସାହି ଆଦିବାସୀଙ୍କ ଘରେ ପାଣି ପଶି ଯିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧା ଭୋଗ କରିଥିବା ଲକ୍ଷ୍ମଣ ଦାସ, ସୁନାଧର ଦାସ, ମଦନ ଗୌଡ଼ , ସଦା ଗୌଡ଼ , ଭୀମ ଗୌଡ଼ ସୁବାସ କ୍ଷୋଭର ସହ କହିଛନ୍ତି। ନୂଆଖାଇ ପାଳନରେ ବର୍ଷା ଜଳ ଘରେ ପଶି ଉତ୍ସବର ମାହୋଲକୁ ଖରାପ କରି ଦେଇଥିବା ସେମାନେ କହିଛନ୍ତି। ବ୍ଲକ କିମ୍ବା ପଞ୍ଚାୟତ ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ଦାବି କରାଯାଇଛି।

# ଇନ୍ଦ୍ରାବତୀ ନଦୀରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

କୋଷାଗୁମୁଡ଼ା, ୨୪।୯ (ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଘାଟବାସୁଲି ଗ୍ରାମ ନିକଟ ଇନ୍ଦ୍ରାବତୀ ନଦୀ କୂଳରୁ ପୋଲିସ ରବିବାର ଏକ ମୃତଦେହ ଜବତ କରିଛି। ମୃତକ ଜଣକ ହେଲେ କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ସମରଥଗୁଡାର ଖଗପତି ମାଝି (୫୪) । ଚଳିତ ମାସରେ ସେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କର ପତ୍ତା ସେ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏକ ମୃତଦେହ ଇନ୍ଦ୍ରାବତୀ ନଦୀରେ ଭାସୁଥିବା ମୃତକଙ୍କ ବାପା ଓ ଭାଇ କୌଣସି ସୂତ୍ରରୁ ଖବରପାଇ କୋଷାଗୁମୁଡ଼ା ଥାନାରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଶରୀରକୁ ଜବତ କରି ଶବ ବ୍ୟବଚ୍ଛେଦ କଲା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ଏ ନେଇ କୋଷାଗୁମୁଡ଼ା ଥାନାରେ କେଶ ୯/୨୨ ମାମଲା ରୁଜୁ କରାଯାଇଛି ବୋଲି ତଦନ୍ତ ଅଧିକାରୀ ସୁଧାଂଶୁ କୁମାର ବାରିକ ସୂଚନା ଦେଇଛନ୍ତି।

# ଅରବିନ୍ଦ ଲିଗାଲ ୟୁନିଟର ଜିଲାସ୍ତରୀୟ ସମ୍ମିଳନୀ

ନବରଙ୍ଗପୁର, ୨୪।୯ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ବ୍ଲକ ଅନ୍ତର୍ଗତ କୁସୁମି ଗ୍ରାମସ୍ଥିତ ଅଦିତି ଭବନ ପରିସରରେ ଅରବିନ୍ଦ ଲିଗାଲ ୟୁନିଟର ଜିଲାସ୍ତରୀୟ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ରୂପେ ବରିଷ୍ଠ ଆଇନଜୀବୀ ଝାଡେଶ୍ୱର ଖାଡ଼ଙ୍ଗା ଯୋଗଦେଇ ଅନୁଷ୍ଠାନ ଗଠନ, ପରିଚାଳନାରେ ଶୃଙ୍ଖଳା ଏବଂ ନିୟମାବଳୀ ସମ୍ପର୍କରେ ଗୁରୁତ୍ୱ ଆରୋପ କରିଥିଲେ। ଅନ୍ୟତମ ଅତିଥି ରୂପେ ସୁପ୍ରିମକୋର୍ଟର ଆଇନଜୀବୀ ସାନମୁଗା ପାତ୍ର ଯୋଗଦେଇ ଆଇନକୁ ଜୀବନର ଧାରା ଭାବେ ଅଭିହିତ କରି ଅନୁଷ୍ଠାନରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଶ୍ରୀମା ଓ ଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସୁଧୀରାଜ ରାଉତ ଭବିଷ୍ୟତରେ ଗଣତନ୍ତ୍ରର ରୂପରେଖ ଅରବିନ୍ଦଙ୍କ ଭବିଷ୍ୟତବାଣୀ ଦ୍ୱାରା ନିରୂପିତ ହେବ ବୋଲି ମତ ଦେଇଥିଲେ। ସୁଜାତା ମିଶ୍ର ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗରେ ନାମଜପର ମହିମା ଉପରେ ବକ୍ତବ୍ୟ ରଖିଥିଲେ । ସୁରେଶ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଙ୍ଗୀତା ପଟ୍ଟନାୟକ ସ୍ୱାଗତ ଓ ସୂଚନା ଦେଇଥିଲେ। ଲିଗାଲ ୟୁନିଟ ଆବାହକ ୱାଇ. ପ୍ରଭାକର ପାତ୍ର ଉପସଂହାର ବକ୍ତବ୍ୟ ଦେଇଥିଲେ। ସବିତା ପଟ୍ଟନାୟକ ବନ୍ଦନା ଗାନ କରିଥିଲେ। ସି.ଏଚ. ଉଷାରାଣୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ଶ୍ରୀମା ଶ୍ରୀଅରବିନ୍ଦ ଅନୁଗାମୀ ବ୍ୟକ୍ତିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଯୋଗ ଦେଇଥିଲେ । ଚନ୍ଦନ ଭୂମିଆ, ଉମା ମହେଶ୍ୱର ପଟ୍ଟନାୟକ, ସୁଜାତା ପଟ୍ଟନାୟକ, ନମିତା ବିଶ୍ୱାଳ, ପଦ୍ମଜା ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।



ସମ୍ମିଳନୀରେ ଉପସ୍ଥିତ ଜନତା ।

# ସିଂସାରୀରେ ଆମ ପୋଲିସ ସମିତି କାର୍ଯ୍ୟକ୍ରମ

ଡାବୁଗାଁ, ୨୪।୯ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ସିଂସାରୀ ଫାଣ୍ଡି ଅଞ୍ଚଳର ବାତ୍ୟା ଆଶ୍ରୟସ୍ଥଳୀ ଠାରେ ରବିବାର ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଡାବୁଗାଁ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ସିଂସାରୀ ଗ୍ରାମ ପଞ୍ଚାୟତ ନାଏବ ସରପଞ୍ଚ ଚଇନ ସିଂ ମାଝି, ଏଏସଆଇ ଶିଶିର କୁମାର ଘୋଷ, ବିଜୟ କୁମାର ସାହୁ ଓ ସୀମାଞ୍ଚଳ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ପୋଲିସକୁ ଭୟ ନ କରି ନିଜର ଅସୁବିଧା ସମ୍ପର୍କରେ ନିର୍ଭୟରେ ପ୍ରକାଶ କରିବାକୁ ଥାନା ଅଧିକାରୀ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ । ପୋଲିସ ଓ ଜନସାଧାରଣଙ୍କ ସମ୍ପର୍କ ଅତି ନିବିଡ ହେଲେ ଉଚିତ ନ୍ୟାୟ ପାଇବାରେ ଅସୁବିଧା ହେବ ନାହିଁ ବୋଲି ସେ କହିଥିଲେ। ଏଣୁ ପୋଲିସ ସହ ସୁସମ୍ପର୍କ ରହିବା ନିହାତି ଜରୁରୀ । ସେହିପରି ବାଲ୍ୟବିବାହ କରିବାର ଅପକାରିତା ଓ ଦଣ୍ଡ ଉପରେ ଆଲୋଚନା କରି ଜନସାଧାରଣଙ୍କୁ ସଚେତନ କରିଥିଲେ। ବିବାହର ବୟସ କେତେ ହେବା ଦରକାର, ଠିକ ସମୟରେ ବିବାହ କରି ସୁସ୍ଥ ଶିଶୁ ଜନ୍ମ ଦେଇ ନିରୋଗ ରୋଗମୁକ୍ତ ଶିଶୁର ବିକାଶ ଦିଗରେ ସମସ୍ତଙ୍କୁ ସଚେତନ କରାଇଥିଲେ। କମ ବୟସରେ ବିବାହ ଆଇନତଃ ଦଣ୍ଡ, ସେହି ବିଷୟ ସମ୍ବନ୍ଧୀୟ ଆଇନ ଉପରେ ବ୍ୟାପକ ପରାମର୍ଶ ଦେଇଥିଲେ । ଶେଷରେ ସିଂସାରୀ ଫାଣ୍ଡି ଅଧିକାରୀ ଗୋପାଳ କୃଷ୍ଣ ହାଲୱା ଧନ୍ୟବାଦ ଦେଇଥିଲେ ।



ବୈଠକରେ ଥାନା ଅଧିକାରୀଙ୍କ ସହ ଅନ୍ୟମାନେ।

# ଅଟୋ ସଂଘ କର୍ମକର୍ତ୍ତାଙ୍କୁ ନେଇ ସଚେତନତା

କାଲିମେଲା, ୨୪।୯ (ଜୀବନ କୃଷ୍ଣ ଦାସ )

ମାଲକାନଗିରି ଜିଲା କାଲିମେଲା ଥାନା ଅଧୀନ କାଲିମେଲା ସଦର ଜୟ ମା' ଦୁର୍ଗା ଅଟୋ ୟୁନିୟନର ସମସ୍ତ ଅଟୋ ଚାଳକଙ୍କୁ ନେଇ ସ୍ଥାନୀୟ କାଲିମେଲା ବସ୍‌ଷ୍ଟାଣ୍ଡରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଆଡମା ରାବା ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ କାଲିମେଲା ଥାନା ଅଧିକାରୀ ସତ୍ୟ କୁମାର ନନ୍ଦ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ, ଭାଜପା କାଲିମେଲା ମଣ୍ଡଳ ସଭାପତି ରତ୍ନାକର ପାଣିଗ୍ରାହୀ ଓ ଅଟୋ ସଂଘ ସଭାପତି ଗଙ୍ଗା ମାଡ଼ି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅଟୋ ଚାଳକମାନଙ୍କୁ ଥାନା ଅଧିକାରୀ ନନ୍ଦ ସଡକ ସୁରକ୍ଷା ଯେପରିକି ମୋବାଇଲ ଧରି ଗାଡ଼ି ନ ଚଳେଇବା, ନିଶାସେବନ କରି ଗାଡି ନ ଚଳେଇବା, ଗାଡ଼ି ଚାଳକମାନେ ବୀମା ଭୁକ୍ତ ହେବା, ଡ୍ରାଇଭିଂ ଲାଇସେନ୍ସ ବ୍ୟବହାର କରିବା, ଦ୍ରୁତ ଗତିରେ ନ ଯିବା, ରାସ୍ତାରେ ଯାଉଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ତୁରନ୍ତ ମେଡିକାଲ ନେବା ବ୍ୟବସ୍ଥା କରିବା ଭଳି ବିଭିନ୍ନ ସୁରକ୍ଷା ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସଂଘ କର୍ମକର୍ତ୍ତାମାନଙ୍କ ବିଭିନ୍ନ ସମସ୍ୟା, ନିଜର ନୂତନ ସଂଘ କାର୍ଯ୍ୟାଳୟ ସ୍ଥାପନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘ ଉପସଭାପତି ଏମ୍‌ଡି ଉସ୍‌ମାନ ଖାନ୍, ସମ୍ପାଦକ ସଞ୍ଜୟ ପ୍ରଧାନ, ଯୁଗ୍ମ ସମ୍ପାଦକ ଅଖୀଲ ମିସ୍ତ୍ରିଙ୍କ ସମେତ ଅନ୍ୟାନ୍ୟ ସଂଘର ଶତାଧିକ କର୍ମକର୍ତ୍ତା, ପୋଲିସ କର୍ମଚାରୀମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସମସ୍ତେ ଟ୍ରାଫିକ ନିୟମ ମାନି ଅଟୋ ଚଳାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ଅଟୋଚାଳକମାନଙ୍କୁ ସଚେତନ କରାଯାଉଛି।

# ୭ ଦିନ ମଧ୍ୟରେ ଜିଲା ସଭାପତିଙ୍କୁ ବଦଳାଇବାକୁ କର୍ମୀଙ୍କ ଦାବି

ନବରଙ୍ଗପୁର/ପାପଡାହାଣ୍ଡି, ୨୪।୯ (ସଦାଶିବ ପ୍ରହରାଜ/ ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଜଟାଲଠାରେ ରବିବାର କଂଗ୍ରେସର ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିସିସି ସଭ୍ୟ ତଥା ଉମରକୋଟ କାଉନସିଲର ମୁନା ପାଢ଼ୀଙ୍କ ନେତୃତ୍ୱରେ ଜିଲାର ୭ ବ୍ଲକ କଂଗ୍ରେସ ସଭାପତି, ୪ଜଣ ପିସିସି ସଭ୍ୟ ତଥା ବିଭିନ୍ନ ଜୋନ୍ ସଭାପତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କର୍ମୀମାନେ ପରସ୍ପରକୁ ନୂଆଖାଇ ଭେଟଘାଟ ଶୁଭେଚ୍ଛା ଜଣାଇଥିଲେ। ପରେ ଦଳୀୟ ସଂଗଠନ ନେଇ ଆଲୋଚନା ହୋଇଥିଲା। କଂଗ୍ରେସ ସଂଗଠନ ଜିଲାରେ ଦୁର୍ବଳ ହୋଇଥିବାରୁ ଦଳ ଜିଲା ସଭାପତିଙ୍କୁ ଦାୟିତ୍ୱରୁ ହଟାଇବାକୁ ନିଷ୍ପତ୍ତି ନେଇଥିଲା। ଗତ ଦିନରେ ଦଳର କର୍ମୀମାନେ ଭୁବନେଶ୍ୱର ଯାଇ ରାଜ୍ୟ ସଭାପତି ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ଭେଟି ଜିଲା ସଭାପତିଙ୍କୁ ବଦଳାଇବା ଲାଗି ଦାବି କରିଥିଲେ। ତେବେ କୌଣସି ପଦକ୍ଷେପ ନିଆ ଯାଇ ନ ଥିବାରୁ କର୍ମୀମାନେ ଅସନ୍ତୋଷ ଜାହିର କରିଥିଲେ। ୭ ଦିନ ମଧ୍ୟରେ ଜିଲା ସଭାପତିଙ୍କୁ ନ ବଦଳାଗଲେ କର୍ମୀମାନେ ନିଜ ପଦରୁ ଇସ୍ତଫା ଦେଇ କେବଳ ଦଳରେ ରହିବେ। କୌଣସି ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ।

ସୋମବାର ନବରଙ୍ଗପୁରରେ କଂଗ୍ରେସର ଘର ଘର କାର୍ଯ୍ୟକ୍ରମରେ ଯୋଗ ନ ଦେବା ଲାଗି କର୍ମୀମାନେ ନିଷ୍ପତ୍ତି ନେଇଛନ୍ତି। କାର୍ଯ୍ୟକ୍ରମରେ ନବରଙ୍ଗପୁର ବ୍ଲକ, ନଗର ଓ ରାଇଘର ବ୍ଲକ ସଭାପତିଙ୍କ ବ୍ୟତୀତ ପାପଡାହାଣ୍ଡି, ନନ୍ଦାହାଣ୍ଡି, ଡାବୁଗାଁ, ତେନ୍ତୁଳିଖୁଣ୍ଟି, କୋଷାଗୁମୁଡା, ଉମରକୋଟ ଓ ଝରିଗାଁ ବ୍ଲକ ସଭାପତିଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ ।

**ଜଟାଲରେ କଂଗ୍ରେସର ନୂଆଖାଇ ଭେଟଘାଟ**



କଂଗ୍ରେସ ଜିଲା ସଭାପତିଙ୍କୁ ହଟାଇବା ପାଇଁ ଜଟାଲରେ କର୍ମକର୍ତ୍ତାଙ୍କ ମେଳି।

**ସଂକ୍ଷେପରେ**

## ଲଗାଣ ବର୍ଷା ଯୋଗୁ ଘରେ ପଶିଲା ପାଣି



ବିଷମ କଟକ,୨୪ା୯(ବିଭୂତି ଭୂଷଣ ନାୟକ)

ରାୟଗଡା ଜିଲା ବିଷମ କଟକ ସଦର ବ୍ଲକରେ ରବିବାର ଘଡ଼ଘଡି ସହ ପ୍ରବଳ ବର୍ଷା ହୋଇଛି । ଲଗାଣ ବର୍ଷା ଯୋଗୁ ସ୍ଥାନୀୟ ସାନ ହରିଜନ ସାହିର ଦୁର୍ଯ୍ୟଧନ ନାୟକ ଓ ବଳରାମ ବାଗଙ୍କ ଘରେ ଭିତରେ ବର୍ଷା ପାଣି ପଶିଛି । ବର୍ଷା ଋତୁ ପୂର୍ବରୁ ବ୍ଲକ କିମ୍ବା ପଞ୍ଚାୟତ ତରଫରୁ ଡ୍ରେନ ସଫା କରାଯାଇ ନ ଥିବା ରୁ ସିଧାସଳଖ ବର୍ଷା ପାଣି ଘରେ ଭିତରେ ପ୍ରବେଶ କରୁଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି ।ଆଗକୁ ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପକ୍ଷରୁ ଖୁବଶୀଘ୍ର ଡ୍ରେନ ସଫା କରାଯିବାକୁ ଦୁର୍ଯ୍ୟୋଧନ ନାୟକ ଓ ବଳରାମ ବାଗ ନିବେଦନ କରିଛନ୍ତି ।

## ଜର୍ନାଲିଷ୍ଟ ଆସୋସିଏଶନର ବାର୍ଷିକୋତ୍ସବ

ରାୟଗଡ଼ା,୨୪ା୯ (ଆଶିଷ ରଞ୍ଜନ ପଣ୍ଡା)

ଓଡିଶା ମିଡ଼ିଆ ଜର୍ନାଲିଷ୍ଟ ଆସୋସିଏଶନ ରାୟଗଡ଼ା ଶାଖାର ସପ୍ତମ ବାର୍ଷିକୋତ୍ସବ ରବିବାର ସ୍ଥାନୀୟ ଏକ ହୋଟେଲରେ ପାଳିତ ହୋଇଯାଇଛି । ସଭାପତି ସରୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ଼ଃ ପ୍ରସନ୍ନ କୁମାର ଗନ୍ତାୟତ, ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ସାମାଜିକ କର୍ମୀ ତଥା ବରିଷ୍ଠ ଆଇନଜୀବି ପ୍ରଦୀପ କୁମାର ଦାଶ ଯୋଗଦେଇଥିଲେ । ଏହି ଅବସରରେ ସାମ୍ବାଦିକତା ଗଣତନ୍ତ୍ରକୁ ସୁଦୃଢ କରିବା ଦିଗରେ ଗଣମାଧ୍ୟମର ଭୂମିକା ଏବଂ ସାମ୍ବାଦିକଙ୍କ ଭୂମିକା ଉପରେ ଆଲୋଚନା ହୋଇଥିଲା । ଏଥିସହ ଗ୍ରାମାଞ୍ଚଳରେ ଥିବା ମୁଖ୍ୟ ସମସ୍ୟା ଉପରେ ଜିଲା ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସମସ୍ୟାର ସମାଧାନ ଦିଗରେ ଉଦ୍ୟମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସାମାଜିକ କର୍ମୀ ସ୍ମିତା ପାଢ଼ୀ, ଦୟାନିଧି ବାରିକ, ବନପାଳ ଡମ୍ବୁରୁଧର ନାୟକ, ପୂର୍ଣ୍ଣଚନ୍ଦ୍ର ପାତ୍ର, ବରିଷ୍ଠ ନାଗରିକ ଗୃହର କାଉନସିଲର ଗୁଣନିଧି ବାଉରୀ, ଗୃହରକ୍ଷୀ ଅଶୋକ କୁମାର ପାଢ଼ୀ, ସହାୟକ ନାଜିର ରାମକୃଷ୍ଣ ସାହୁ ଓ ଅଧାପିକା ରାଜଲକ୍ଷ୍ମୀ ଦେବୀଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ 'ପ୍ରତିଭା ସମ୍ମାନ' ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଦୀପ କୁମାର ନାୟକ ପରିଚାଳନା କରିଥିବା ବେଳେ ସମ୍ପାଦକ ମନୋଜ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଉପଦେଷ୍ଟା ଦୟାନନ୍ଦ ଖାଡାଙ୍ଗା, ସହ ସମ୍ପାଦକ ଦୀପକ ପଣ୍ଡା, ଶ୍ରୀନିବାସ ବାଲିଆରସିଂ, ବୈକୁଣ୍ଠନାଥ ଦୁରିଆ, ସନ୍ତୋଷ କୁମାର ଲମତା, ପ୍ରଦୀପ ଦଳେଇ ଓ ମଣ୍ଟୁ ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ ।

# ଇଡିତାଲ ଚିତ୍ରରେ ଝଲସିବ କଳାର ଗାଁ ରିଞ୍ଜିତାଲ

■ ଲଳିତ କଳା ଏକାଡେମୀ ସଚିବଙ୍କ ପୁଟାସିଂ ଅଞ୍ଚଳ ଗସ୍ତ

■ ଜିଆଇ ଟ୍ୟାଗ୍ ପାଇଁ ମନୋନୀତ ହେବା ପରେ କଳାକାର ଉତ୍ସାହିତ

ଗୁଣପୁର,୨୪ା୯(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ବ୍ଲକ୍ ପୁଟାସିଂ ଅଞ୍ଚଳରେ ବସବାସ କରୁଥିବା ଆଦିମ ଜନଜାତି ଲାଞ୍ଜିଆ ସୌରାଙ୍କ ଇଡିତାଲ ଚିତ୍ରକଳା ଜିଆଇ ଟ୍ୟାଗ୍ ପାଇଁ ମନୋନୀତ ହୋଇଥିବାରୁ କଳାର ଗ୍ରାମ ରିଞ୍ଜିତାଲ ଉତ୍ସବମୁଖର ହୋଇଉଠିଛି । ବିଘ୍ନନାଶ, ଗୃହଶାନ୍ତି ପାଇଁ ଲାଞ୍ଜିଆ ସୌରାମାନେ କାନ୍ଥରେ ବିଭିନ୍ନ ଦେବଦେବୀଙ୍କ ଚିତ୍ର ଆଙ୍କିବା ସହ ପୂର୍ବପୁରୁଷଙ୍କୁ ପୂଜା କରୁଥିବା ଚିତ୍ର ପରମ୍ପରାକୁ ଇଡିତାଲ ନାମରେ ନାମିତ ଏହି ଚିତ୍ରକଳା ଆଜି ସର୍ବବିଦିତ ହୋଇପାରିଛି । ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଓଡ଼ିଶା ଲଳିତକଳା ଏକାଡେମୀର ସଚିବ ପଞ୍ଚାନନ ସାମଲ ଶନିବାର ଗୁଣପୁର ବ୍ଲକ ପୁଟାସିଂ ପଞ୍ଚାୟତର ରିଞ୍ଜିତାଲ ଓ ଆଖପାଖ ଅଞ୍ଚଳ ଗସ୍ତ କରି ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ତର୍ଜମା କରିଥିଲେ । ସାମଲଙ୍କ ଗସ୍ତ ସମୟରେ ଜିଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅନନ୍ତ ପାତ୍ର, ଇଡ଼ିତାଲ ଚିତ୍ରଶିଳ୍ପୀ ବୀର କିଶୋର ପ୍ରମୁଖ ଉପସ୍ଥିତ ରହି ଗ୍ରାମର ପ୍ରତ୍ୟେକ ଘରର ମୁଖ୍ୟଦ୍ୱାରରେ ଚିତ୍ର ଆଙ୍କିବା ଓ ପ୍ରଦର୍ଶନୀ ଆୟୋଜନ କରିବା ନିମନ୍ତେ ଆଲୋଚନା କରିଥିଲେ । ଆସନ୍ତା ଅକ୍ଟୋବର ପ୍ରଥମ ସପ୍ତାହରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଲଳିତ କଳା ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ସତ୍ୟବ୍ରତ ସାହୁ, ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ ପ୍ରମୁଖ ରିଞ୍ଜିତାଲ ଅଞ୍ଚଳ ଗସ୍ତ କରି ପ୍ରଦର୍ଶନୀ ଉଦ୍‌ଘାଟନ କରିବା ନେଇ ସଚିବ ସୂଚନା ଦେଇଥିଲେ । ଗ୍ରାମର ପ୍ରବେଶ ପଥରେ ଇଡିତାଲ କୁଟୀର ନିର୍ମାଣ, ଚିତ୍ରକଳାକୁ ଆହୁରି ଉନ୍ନତ ଧରଣର କରି ରାଜ୍ୟ ତଥା ଦେଶ ଓ ଦେଶ ବାହାରେ ଏହାର ଆଦୃତ କରିବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଥିବା ସଚିବ ସୂଚନା ଦେଇଥିଲେ । ରିଞ୍ଜିତାଲ ଓ ଏହାର ଆଖପାଖ ଅଞ୍ଚଳର ୫୦ରୁ ୬୦ ଜଣ କଳାକାର ଏହି କାର୍ଯ୍ୟରେ ନିୟୋଜିତ ହେବେ । ସେମାନଙ୍କ ତାଲିକା ଶୀଘ୍ର ପ୍ରସ୍ତୁତ କରି ବିଭାଗକୁ ପଠାଇବା ନିମନ୍ତେ ସଚିବ ଜିଲା ସଂସ୍କୃତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।



ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ପଞ୍ଚାନନ ସାମଲଙ୍କ ସହ ଅନ୍ୟମାନେ ।



## ଗିରଫ ଗ୍ରାମବାସୀଙ୍କୁ ଖଲାସ କରିବାକୁ ଦାବି

**ନାବାଳିକା ବଳାତ୍କାର ଘଟଣାକୁ ନିନ୍ଦା କଲେ ବସନ୍ତ ଉଲ୍ଲାକା**

ରାୟଗଡ଼ା,୨୪ା୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲ ଗ୍ରାମରେ ଥିବା ଏକ କନ୍ୟାଶ୍ରମରେ ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଘଟଣାକୁ ନେଇ ଭାଜପା ରାଜ୍ୟ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ବସନ୍ତ ଉଲାକା ନିନ୍ଦା କରିଛନ୍ତି । ଏଥିସହିତ ପୋଲିସ ଅଟକ ରଖିଥିବା ଗ୍ରାମବାସୀଙ୍କୁ ତୁରନ୍ତ ଖଲାସ କରିବା ପାଇଁ ସେ କହିଛନ୍ତି । ପୋଲିସ ପୀଡ଼ିତାଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ କମ୍ ସମୟ ମଧ୍ୟରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିବାକୁ ଦାବି କରିଛନ୍ତି । ଯଦି ପୋଲିସ ପ୍ରଶାସନ ତୁରନ୍ତ ଏହାର ସମାଧାନ ନ କରେ ତେବେ ଭାଜପା ପକ୍ଷରୁ ଦୃଢ଼ ବିରୋଧ କରାଯିବ ବୋଲି ବସନ୍ତ କହିଛନ୍ତି । ସୂଚନାଯୋଗ୍ୟ, ନାବାଳିକାଙ୍କୁ ବଳାତ୍କାର ଘଟଣାକୁ ବିରୋଧ କରି ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେବାରୁ ପୋଲିସ ମୃଦୁ ଲାଠିଚାଳନା କରିଥିଲା । ଏହାର ପ୍ରତିବାଦରେ ଗ୍ରାମବାସୀ ପୋଲିସ ଗାଡ଼ି ଭଙ୍ଗାରୁଜା କରିବା ସହିତ ଏକ ପୋଲିସ ବସ୍‌କୁ ଜାଳି ଦେଇଥିଲେ । ଏହି ହିଂସାପରାୟଣ ଘଟଣାକୁ ଆଧାର କରି ପୋଲିସ ୩୦ ଜଣଙ୍କୁ ଅଟକ ରଖିଛି । ହେଲେ ପୋଲିସକୁ ପଚାରିଲେ ୬ରୁ ୮ଜଣଙ୍କୁ ଅଟକ ରଖିଥିବା କହୁଛି । ପୋଲିସ ପୀଡ଼ିତାଙ୍କ ବାପାଙ୍କଠାରୁ ଏତଲା ଗ୍ରହଣ କାହିଁକି କଲାନି ବୋଲି ବସନ୍ତ ପ୍ରଶ୍ନ କରିଛନ୍ତି ।

## ପୀଡିତାଙ୍କ ପରିବାରକୁ ୧ କୋଟି କ୍ଷତିପୂରଣ ଦିଆଯାଉ



ଖବରଦତା ସମ୍ମିଳନୀରେ ଉପସ୍ଥିତ ଭାଜପା କର୍ମକର୍ତ୍ତା ।

ଗୁଣପୁର, ୨୪ା୯(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଭାଜପା ପକ୍ଷରୁ ସ୍ଥାନୀୟ ପୂର୍ତ୍ତ ଡାକ ବଙ୍ଗଳାଠାରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କାଶୀପୁର ବ୍ଲକ ଡଙ୍ଗାସିଲ ଗ୍ରାମରେ ଥିବା ଏକ କନ୍ୟାଶ୍ରମରେ ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କୁ ପିଅନ ବଳାତ୍କାର କରିବା ଘଟଣାକୁ ଜିଲା ଉପସଭାପତି ୱାଇ.ଗଣପତି ତୀବ୍ର ନିନ୍ଦା କରିଛନ୍ତି । ପୀଡ଼ିତାଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ରାୟଗଡା ମେଡିକାଲରୁ ତୁରନ୍ତ ବିଶାଖାପାଟଣା କିମ୍ବା ଭୁବନେଶ୍ୱର ସ୍ଥାନାନ୍ତର କରାଯିବାକୁ ସେ କହିଛନ୍ତି । ପୀଡିତାଙ୍କ ପରିବାରକୁ ଏକ କୋଟି ଟଙ୍କା କ୍ଷତିପୂରଣ ଦିଆଯାଉ ବୋଲି ସେ ଦାବି କରିଛନ୍ତି । ଜିଲା ଉପସଭାପତି ୱାଇ.ଗଣପତି ଅଭିଯୋଗ କରିଛନ୍ତି ଯେ, ଘଟଣା ଘଟିବା ପରେ ପୀଡିତାଙ୍କ ପରିବାର ଲୋକେ ପୋଲିସ ଫାଣ୍ଡିରେ ଏତଲା ଦେଇଥିଲେ ମଧ ଏତଲାକୁ ଗ୍ରହଣ ନ କରି ଘଟଣାକୁ ଚାପିବା ପାଇଁ ଚେଷ୍ଟା କରାଯାଇଥିଲା । ଏଣୁ ସେଠାକାର ଜନତା ରାଗରେ ପୋଲିସ ଗାଡ଼ିରେ ନିଆଁ ଲଗେଇ ଦେଇଥିଲେ । ପୋଲିସ ଅନ୍ୟାୟ ଭାବେ ନିରୀହ ଲୋକଙ୍କୁ ଥାନାରେ ଅଟକ ରଖିଛି । ତେଣୁ ସେମାନଙ୍କୁ ଅତିଶୀଘ୍ର ବିନା ସର୍ତ୍ତରେ ଛଡାଯାଉ । ନଚେତ ଦଳ ଆଗାମୀ ଦିନରେ ଲୋକଙ୍କ ସହ ମିଶି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି । ଜିଲାର ଆଦିବାସୀ କଲ୍ୟାଣ ଓ ଆଇନ ବିଭାଗ ମନ୍ତ୍ରୀ ଥାଇ ମଧ ନିରୀହ ଆଦିବାସୀ ଭାଇ ଓ ଭଉଣୀମାନେ ନ୍ୟାୟ ପାଇବାରେ ବିଫଳ ହୋଇଛନ୍ତି । ଯଦି ସରକାର ଏସବୁ ଦିଗରେ ତୁରନ୍ତ ଉଚିତ ପଦକ୍ଷେପ ନ ନିଅନ୍ତି ତାହେଲେ ଦଳ ଆଗାମୀ ଦିନରେ ରାଜରାସ୍ତାରେ ଆନ୍ଦୋଳନ କରିବ । ଜିଲାରେ ମନ୍ତ୍ରୀ ରହିଥିଲେ ମଧ ମହିଳାମାନେ ଅସୁରକ୍ଷିତ । ତେଣୁ ଆଇନ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ୱାଇ. ଗଣପତି ଦାବୀ କରିଥିଲେ । ଏହି ଖବରଦାତା ସମ୍ମିଳନୀରେ ନଗର ସଭାପତି ଅମର କୁମାର ସାହୁ, ଜିଲା ସମ୍ପାଦକ ଶ୍ରୀନିବାସ ସ୍ୱାଇଁ, ଜଗନ୍ନାଥପୁର ମଣ୍ଡଳ ସଭାପତି ପୃଥ୍ୱୀରାଜ ପାଢ଼ୀ, ନଗର ଯୁବ ମୋର୍ଚ୍ଚା ସଭାପତି ମୁଖୀ ଦିବାକର, ଜୟଦେବ ପଣ୍ଡା, ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ରମେଶ ଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ସାହୁକର, ଅମିତ କୁମାର ଷଡଙ୍ଗୀ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ସାଇବର ଅପରାଧ ରୋକିବାକୁ ସଚେତନତା

ରାୟଗଡା , ୨୪ା୯ (ଭାଗ୍ୟଶ୍ରୀ ମିଶ୍ର)




ସେମିନାରରେ ଉପସ୍ଥିତ ଅତିଥି ଓ ମହିଳା ଆଇନଜୀବୀମାନେ ।

ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ ଠାରେ ରବିବାର ଓଡିଶା ଫେଡେରେସନ ଅଫ୍ ମହିଳା ଆଇନଜୀବୀ ପକ୍ଷରୁ ମହିଳାମାନଙ୍କ ବିରୁଦ୍ଧରେ ହେଉଥିବା ସାଇବର ଅପରାଧକୁ ରୋକିବା ନେଇ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି । ରାୟଗଡା ବାର ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ସେମିନାରରେ ଜିଲା ଜଜ ସତ୍ୟ ନାରାୟଣ ଷଡ଼ଙ୍ଗୀ ଯୋଗଦେଇ ଅଧିକାଂଶ ପୁରୁଷ ଏବଂ ମହିଳା ସାଇବର ଠକାମୀର ଶିକାର ହୋଇ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ସେମିନାରର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ । ଏଥିପାଇଁ ଆଇନ ଅନୁଯାୟୀ ଦୋଷୀ ପାଇଁ ଦଣ୍ଡ ବିଧାନ ରହିଛି । ହେଲେ ମହିଳାମାନେ ଏଥିପାଇଁ ସଚେତନ ହେବା ସହ ଜାଗ୍ରତ ରହିବା ଦ୍ୱାରା ସାଇବର ଅପରାଧ ଶିକାର ହେବାରୁ ବଞ୍ଚିପାରିବେ ବୋଲି କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତର ବିଚାରପତି ଅମୃତ ରଞ୍ଜନ ନନ୍ଦା, ଶିକ୍ଷାବିତ ଡ଼. ଦୁଷ୍ମନ୍ତ କୁମାର ମହାନ୍ତି, ଆଇନଜୀବୀ ବ୍ରଜ ସୁନ୍ଦର ନାୟକ, ମହିଳା ମହାବିଦ୍ୟାଳୟ ଅଧକ୍ଷା ଡ଼.ଅର୍ଚ୍ଚନା ପଟ୍ଟନାୟକ, ଫେଡେରେସନର ଭାରତୀ ଦାସ, ଆଇନଜୀବୀ ତଥା ପୌର ପରିଷଦ ଉପାଧକ୍ଷା ଶୁଭ୍ରା ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ । ସାଇବର ପୋଲିସ ଇନିସ୍ପେକ୍ଟର ଅଭିନାଶ ରେଡି ଯୋଗଦେଇ ସାଇବର ଅପରାଧକୁ କିପରି ପ୍ରତିହତ କରିପାରିବା, ସାଇବର ଅପରାଧ କଣ, ଏହା କିପରି ହୋଇଥାଏ ସେ ସମ୍ପର୍କରେ ବିସ୍ତୃତ ଭାବେ ପ୍ରୋଜେକ୍ଟର ମାଧ୍ୟମରେ ବୁଝାଇଥିଲେ । ଅଜଣା ନମ୍ବରରୁ କଲ ରିସିଭ କରିବେ ନାହିଁ, ନିଜର ମୁଖ୍ୟ ବ୍ୟାଙ୍କ ଆକାଉଣ୍ଟକୁ ୟୁପିଆଇ ଲିଙ୍କ ନ କରି ଅନ୍ୟ ବ୍ୟାଙ୍କ ଆକାଉଣ୍ଟକୁ ଲିଙ୍କ କରିପାରିବେ, ଫେସବୁକରେ ମହିଳାମାନେ ଅଧିକ ଫଟୋ ସେୟାର ନ କରିବା ଉଚିତ ବୋଲି କହିଛନ୍ତି । କୋରାପୁଟ, କଟକ, ଭୁବନେଶ୍ୱରରୁ ମହିଳା ଆଇନଜୀବମାନେ ଆସି ଅଂଶ ଗ୍ରହଣ କରିଥିଲେ ।

## ଚୋରି ବାଇକ୍ ଉଦ୍ଧାର, ଜଣେ ଗିରଫ

ବିଷମ କଟକ ୨୪ା୯(ବିଭୂତି ଭୂଷଣ ନାୟକ)

ବିଷମ କଟକ ଥାନା ଅଞ୍ଚଳରୁ ଚୋରି ହୋଇଥିବା ଏକ ବାଇକ୍‌କୁ ପୋଲିସ ଉଦ୍ଧାର କରିଥିବାବେଳେ ଜଣେ ଯୁବକ ରଞ୍ଜନ ନାଏକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗତ ୨୨ତାରିଖରେ ବିଷମ କଟକ ହନୁମାନ ମନ୍ଦିର ସମ୍ମୁଖରୁ ଏକ ବାଇକ୍ ଚୋରି ହୋଇଥିବା ନେଇ ମାର୍କମା ସାହିର ରମାକାନ୍ତ ପରିଚ୍ଛା ଥାନାରେ ଏତଲା ଦେଇଥିଲେ । ଜେକେପୁର ଅମଳାଭଟ୍ଟା ଛକ ନିକଟରେ ରଞ୍ଜନ ଟ୍ରକ ଡ୍ରାଇଭରଙ୍କ ଠାରୁ ଟଙ୍କା ଆଦାୟ କରୁଥିବା ଚାନ୍ଦିଲି ପୋଲିସ ଖବରପାଇ ସେଠାରେ ପହଞ୍ଚିବାରୁ ରଞ୍ଜନ ବାଇକ୍ ଛାଡି ଫେରାର ହୋଇଯାଇଥିଲେ । ପୋଲିସ କର୍ମଚାରୀ ୪ରୁ ୫ ଘଣ୍ଟା ପର୍ଯ୍ୟନ୍ତ ଜଙ୍ଗଲରେ ଲୁଚି ରହିଥିଲେ । ପରେ ରଞ୍ଜନ ବାଇକ୍ ନେବାକୁ ଆସିବାରୁ ପୋଲିସ ତାଙ୍କୁ କାବୁ କରିଥିଲା । ଯୁବକଙ୍କୁ ଥାନାକୁ ନେଇ ଜେରା କରିବା ପରେ ଗାଡ଼ି ବିଷମ କଟକ ଅଞ୍ଚଳରୁ ଚୋରି ହୋଇଥିବା ଜଣାପଡ଼ିଥିଲା । ଉକ୍ତ ବାଇକ୍ ଓ ଚୋରଙ୍କୁ ବିଷମକଟକ ପୋଲିସକୁ ହସ୍ତାନ୍ତର କରିଥିଲେ । ଗାଡିଟି କଲ୍ୟାଣସିଂପୁର ଗ୍ରାମର ରାଉଲ ଓରଫ ଯୁଧିଷ୍ଠିର କୁଶୁଲିଆ ଉକ୍ତ ଗାଡି ତାଙ୍କୁ ଦେଇଥିବା କହିଥିଲେ । ମାଷ୍ଟର ମାଇଣ୍ଡ ରାହୁଲଙ୍କୁ ପୋଲିସ ଖୋଜୁଛି ।

# ଅବ୍ୟବହୃତ ଅବସ୍ଥାରେ ୨୫ ଶୌଚାଳୟ

**ନିର୍ମାଣର ବର୍ଷେ ବିତିଲା**

ରାୟଗଡ଼ା,୨୪ା୯(ଆଶିଷ ରଞ୍ଜନ ପଣ୍ଡା)



ଉନ୍ନତ ସହର ଭାବେ ୩ ଥର ପୁରସ୍କୃତ ହୋଇଥିବା ରାୟଗଡ଼ା ସହରରେ ଜନସାଧାରଣଙ୍କ ସୁବିଧା ନିମନ୍ତେ ପୌର ପରିଷଦ ପକ୍ଷରୁ ୨୫ଟି ଶୌଚାଳୟ ନିର୍ମାଣ କରାଯାଇଥିଲା । ନିର୍ମାଣ ହେବାର ବର୍ଷେ ବିତିଯାଇଥିଲେ ମଧ ସେଗୁଡ଼ିକ କାର୍ଯ୍ୟକ୍ଷମ ନ ହୋଇ ନଷ୍ଟ ହେବାକୁ ବସିଲାଣି । ଫଳରେ ବ୍ୟବସାୟ କରିବାକୁ ଆସୁଥିବା ଉଠା ଦୋକାନୀ, ଯାତ୍ରୀ ଶୌଚାଳୟର ସୁବିଧା ପାଇପାରୁନାହାନ୍ତି । ବିଶେଷକରି ମହିଳାମାନେ ବେଶୀ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି ।

ରାୟଗଡ଼ା ସହରର ପରିମଳ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ପାଇଁ ପୌର ପରିଷଦ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ୨୫ ଟି ଶୌଚାଳୟ ନିର୍ମାଣ କରାଯାଇଥିଲା । ରାୟଗଡ଼ା ସହରର ମୁଖ୍ୟ ରାସ୍ତା, ଜିସିଡ଼ି ହାଇସ୍କୁଲ ପଡ଼ିଆ, ଜିଲା ପରିଷଦ କାର୍ଯ୍ୟାଳୟ ପାର୍ଶ୍ୱରେ ଏହିଭଳି ବିଭିନ୍ନ ସ୍ଥାନରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରି ପୌର ପରିଷଦ ଏହି ଶୌଚାଳୟଗୁଡ଼ିକ ନିର୍ମାଣ କରିଥିଲେ । ହେଲେ ଦୂରଦୃଷ୍ଟି ଅଭାବ କାରଣରୁ ସେଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି । କେଉଁଠାର ପାଣିର ସୁବିଧା ନାହିଁ ତ ଆଉ କେଉଁଠାରେ ଅନ୍ୟ ଅସୁବିଧା ଲାଗି ରହିଛି । ମେଡ଼ିକାଲ ନିକଟରେ ନିର୍ମାଣ ହୋଇଥିବା ଶୌଚାଳୟକୁ ବ୍ୟବସାୟୀ ଦଖଲ କରି ନିଜର ଷ୍ଟୋରରୁମ୍ କରି ସେଥିରେ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ରଖୁଥିବା ଜଣାପଡ଼ିଛି । ସେହିଭଳି ଜିସିଡ଼ି ପଡ଼ିଆରେ ନିର୍ମାଣ ହୋଇଥିବା ଶୌଚାଳୟ ବ୍ୟବହୃତ ନ ହୋଇ ନଷ୍ଟ ହେବାକୁ ଲାଗିଲାଣି । ମଝିଘରିଆଣି ମନ୍ଦିର ନିକଟରେ ନିର୍ମାଣ ହୋଇଥିବା ଶୌଚାଳୟର ରକ୍ଷଣାବେକ୍ଷଣ ଅଭାବ ଯୋଗୁ ନଷ୍ଟ ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ଦୂରଦୂରାନ୍ତରୁ ମଝିଘରିଆଣୀଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ବହୁ ସମସ୍ୟା ଭୋଗୁଛନ୍ତି । ସେହିଭଳି ରୟତ କଲୋନୀ ଛକ ଏବଂ ଡେଲି ମାର୍କେଟ ଠାରେ ନିର୍ମାଣ ହୋଇଥିବା ଶୌଚାଳୟ ମଧ ବନ୍ଦ ପଡ଼ିଛି । ତେଣୁ ପୌର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସେଗୁଡ଼ିକର ରକ୍ଷଣାବେକ୍ଷଣ କରିବା ସହିତ କାର୍ଯ୍ୟକ୍ଷମ ହେଲେ ଜନସାଧାରଣ ଉପକୃତ ହେବେ ବୋଲି ସାଧାରଣରେ ଦାବି ହୋଇଛି । ଏ ବିଷୟରେ ପୌରାଧକ୍ଷ ମହେଶ ପଟ୍ଟନାୟକଙ୍କୁ ପଚାରିବାରୁ ଖୁବଶୀଘ୍ର ସମସ୍ତ ଶୌଚାଳୟ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି ।

# ପ୍ରଥମ ଶ୍ରେଣୀ ଅଦାଲତ ନିର୍ମାଣ ଲାଗି ସ୍ଥାନ ଚିହ୍ନଟ

ଗୁଡ଼ାରି,୨୪ା୯ (ପ୍ରମୋଦ କୁମାର ପତି)



ଅଦାଲତ ନିର୍ମାଣ ନିମନ୍ତେ ସ୍ଥାନ ଚିହ୍ନଟ କରାଯାଉଛି ।

ଗୁଡ଼ାରି ରେ ପ୍ରଥମ ଶ୍ରେଣୀ ଅଦାଲତ ନିର୍ମାଣ ନିମନ୍ତେ ରବିବାର ରାୟଗଡା ଜିଲା ଜଜ୍ ସତ୍ୟନାରାୟଣ ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ସ୍ଥାନ ଚିହ୍ନଟ କରାଯାଇଛି । ସହର ନିକଟସ୍ଥ ବାମୁଣିଡ଼ଙ୍ଗର ରାସ୍ତାର ସେପ୍ଟେଜ ବିଶୋଧନଗାର ସମ୍ମୁଖରେ ୩ ଏକର ସରକାରୀ ଜମିରେ ଏହି ଅଦାଲତ ନିର୍ମାଣ ନିମନ୍ତେ ସ୍ଥାନ ଚିହ୍ନଟ ହୋଇଛି । ପ୍ରଥମେ ସ୍ଥାନୀୟ ପୂର୍ତ୍ତ ବିଭାଗର ପୁରୁଣା ଭଙ୍ଗା ବଙ୍ଗଳା ନିକଟରେ ସ୍ଥାନ ଚିହ୍ନଟ କରାଯାଇଥିଲା । କିନ୍ତୁ ସେଠାରେ ଅଦାଲତ ନିର୍ମାଣ ପାଇଁ ପରିବେଶ ଅନୁକୂଳ ନ ଥିବା ଦର୍ଶାଇଥିଲେ । ଗୁଡ଼ାରି ତହସିଲଦାର ଭାରତୀ ଦେବୀ, ରାୟଗଡା ରେଜିଷ୍ଟ୍ରର ଦେବୀଜ୍ୟୋତି ମହାପାତ୍ର, ଗୁଡ଼ାରି ରାଜସ୍ୱ ନିରୀକ୍ଷକ ଦେବେନ୍ଦ୍ର ହିମିରିକା, ଆଇନଜୀବୀ ରମେଶ ଲିମା, ବ୍ଲକ ଲିଗାଲ ଆଡ଼ଭାଇଜର ଜଗଦୀଶ ଚନ୍ଦ୍ର ଗମାଙ୍ଗ, ବ୍ଲକ ବି ପିଏମ ମାନସ ବାରିକ, ତହସିଲ କର୍ମଚାରୀ ଦୋରା ବାବୁ, ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସ୍ଥାନ ଚିହ୍ନଟ ପ୍ରକ୍ରିୟା ସମ୍ପାଦିତ କରିଥିଲେ । ବର୍ତ୍ତମାନ ଗୁଡ଼ାରି ଅଞ୍ଚଳବାସୀ ମାଲି ମୋକଦ୍ଦମା ପାଇଁ ପ୍ରାୟ ୫୦କିମି ଦୂର ଗୁଣୁପୁର ଉପରେ ନିର୍ଭର କରୁଛନ୍ତି । ଗୁଡ଼ାରିରେ ଏହି ଅଦାଲତ ସ୍ଥାପନ ନିମନ୍ତେ ଅଞ୍ଚଳବାସୀ ବାରମ୍ବାର ଦାବି କରିଥିଲେ । ବିଳମ୍ବରେ ହେଲେ ମଧ ଅଞ୍ଚଳବାସୀଙ୍କୁ ଏହି ସୁବିଧା ଦେଇଥିବାରୁ ସ୍ଥାନୀୟ 'ୟୁଥ ଫର ଚେଞ୍ଜ' ଯୁବ ଗୋଷ୍ଠୀ ସଦସ୍ୟ ଦୀପକ ନିମାଲ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ନାଚ, ଗୀତ ମାଧ୍ୟମରେ ଶିକ୍ଷା ପ୍ରଦାନ

**ଶିଶୁବାଟିକା ମାତୃ କର୍ମଶାଳା**

ଗୁଣପୁର, ୨୪ା୯ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଶିଶୁ ବାଟିକା ମାତୃ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀ ଉଦ୍ଦେଶ୍ୟ ପ୍ରତିପାଦନ କରିଥିବାବେଳେ ସମ୍ପାଦକ ସୋମନାଥ ଗୌଡ, ଯୁଗ୍ମ ସମ୍ପାଦକ ମୀନକେତନ ପଣ୍ଡା, ଉପସଭାପତି ମୋହନ ଚନ୍ଦ୍ର ସାହୁ ଓ ସଦସ୍ୟା ପ୍ରତିଭା ରଥ ଓ କୈକେୟୀ ଶବର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ତଦାରଖ କରିଥିଲେ । ଅନୁଷ୍ଠାନର ସଭାପତି ବି.ଗଜପତି ରାଓ ଉପସ୍ଥିତ ରହି ବିଭିନ୍ନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଚାର୍ଯ୍ୟା ସନ୍ତୋଷୀ ମହାପାତ୍ର ସଂଯୋଜନା କରିଥିବା ବେଳେ ଶିଶୁ ବାଟିକା ପ୍ରମୁଖ ସଂଯୁକ୍ତା ନାୟକ କାର୍ଯ୍ୟକ୍ରମର ରୂପରେଖ ଓ ଯୋଜନାକୁ କାର୍ଯ୍ୟକାରୀ କରାଇଥିଲେ । ଶିଶୁବାଟିକା ବିଭାଗର ଭାଷା ବିକାଶ, ମାନସିକ ଦକ୍ଷତା, ବୌଦ୍ଧିକ ବିକାଶ ଅଙ୍କ, କାହାଣୀ, ଗୀତ, ଖେଳ ଇତ୍ୟାଦି କ୍ରିୟାକଳାପ ମାଧ୍ୟମରେ ମାତୃମଣ୍ଡଳୀଙ୍କୁ ଶିକ୍ଷା ପ୍ରଦାନ କରାଯାଇଥିଲା । ବିଭିନ୍ନ ପ୍ରକାର ଖେଳ ମାଧ୍ୟମରେ ମାତୃମଣ୍ଡଳୀଙ୍କୁ ଶାରୀରିକ ଶିକ୍ଷା ପ୍ରଦାନ କରାଯାଇଥିଲା । ଆଚାର୍ଯ୍ୟା ସଂଯୁକ୍ତା ନାୟକ, ଆଚାର୍ଯ୍ୟ ମନୋଜ କୁମାର ମହାରଣା, ରେଣୁକା ପାତ୍ର, ଘୁଂଗୁଡୁରାମ ପାତ୍ର, ପଦ୍ମଜା ପଟ୍ଟନାୟକ, ବିଶ୍ୱ ଭାରତୀ ମହାରଣା ଉପସ୍ଥିତ ଥିଲେ । ମଧ୍ୟାହ୍ନଭୋଜନ ପରେ ଆଚାର୍ଯ୍ୟ ଦୁର୍ଗା ପ୍ରସାଦ ସୁଆର, ଆଚାର୍ଯ୍ୟା ସୁନୀତା ପ୍ରଧାନ ଓ ଅନ୍ୟାନ୍ୟ ଗୁରୁଜୀ ଗୁରୁମାଙ୍କ ସହଯୋଗରେ ମଣ୍ଡାଖିଆ ଅସୁର ନାଟକ ପ୍ରଦର୍ଶନ କରାଯାଇଥିଲା । ଯାହା ବେଶ୍ ଆକର୍ଷଣୀୟ ହୋଇଥିଲା । ପ୍ରାୟ ୬୦ ଜଣ ମାତୃମଣ୍ଡଳୀ ଓ ଶିଶୁ ଉକ୍ତ କର୍ମଶାଳାରେ ଯୋଗଦେଇଥିଲେ ।



ଶିଶୁବାଟିକା ମାତୃ କର୍ମଶାଳାରେ ନାଟକ ପରିବେଷଣ କରାଯାଉଛି ।

# ସମସ୍ୟା ସମାଧାନ ନ ହେଲେ ଅଫିସ୍ ଘେରାଉ ଚେତାବନୀ

■ ଧରିତ୍ରୀ ପ୍ରଭାବ

■ ଭାଜପା କର୍ମକର୍ତ୍ତାଙ୍କ ଅନ୍ୱେଷା ହଷ୍ଟେଲ ପରିଦର୍ଶନ

ରାୟଗଡ଼ା,୨୪ା୯(ଆଶିଷ ରଞ୍ଜନ ପଣ୍ଡା)

ଗରିବ ଆଦିବାସୀ ଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ବ୍ୟବସ୍ଥା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଜାତି ବିଭାଗ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ଅନ୍ୱେଷା ହଷ୍ଟେଲରେ ଛାତ୍ରଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି । ଛାତ୍ରମାନେ ଖାଇବାକୁ ମାଗିଲେ ସହକାରୀ ଅଧୀକ୍ଷକ ସେମାନଙ୍କୁ ମାଡ଼ ମାରୁଥିବା ଅଭିଯୋଗ ହୋଇଛି । ଏହି ଖବର ରବିବାର ଧରିତ୍ରୀରେ ପ୍ରକାଶ ପାଇବା ପରେ ଘଟଣା ବିଷୟରେ ବୁଝିବା ପାଇଁ ଭାଜପା ଜିଲା ସଭାପତି ଶିବ ପ୍ରସାଦ ପଟ୍ଟନାୟକ, ରାଷ୍ଟ୍ରୀୟ ଜନଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ କାଳୀରାମ ମାଝି, ପ୍ରତାପ ପୁଆଲା ପ୍ରମୁଖ କଟଲାଗୁଡ଼ାସ୍ଥିତ ଅନ୍ୱେଷା ହଷ୍ଟେଲକୁ ଯାଇଥିଲେ । ସେଠାରେ ଛାତ୍ରମାନଙ୍କ ସହ ଆଲୋଚନା କରିବା ପରେ ସହକାରୀ ଅଧୀକ୍ଷକ ବିଶ୍ୱାମିତ୍ର ସୁନା ପିଲାଙ୍କୁ ଠିକ୍ ଭାବେ ଖାଇବାକୁ ଖାଦ୍ୟ ଦେଉ ନ ଥିବା ଜାଣିବାକୁ ପାଇଥିଲେ । ଏପରିକି ଖାଇବାକୁ ମାଗିଲେ ପିଲାଙ୍କୁ ମାଡ଼ ମାରିବା ସହିତ ଦୁର୍ବ୍ୟବହାର କରୁଥିବା ଛାତ୍ରମାନେ ଅଭିଯୋଗ କରିଥିବା କାଳୀରାମ ମାଝି ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଭାଜପା ଦଳର ନେତାମାନେ ସେଠାରେ ଉପସ୍ଥିତ ଥିବା ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳଙ୍କ ସହ ଆଲୋଚନା କରିଥିଲେ । ଆଗାମୀ ୧୦ ଦିନ ମଧ୍ୟରେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ମଙ୍ଗଳ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା କାଳୀରାମ ସୂଚନା ଦେଇଛନ୍ତି । ୧୦ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଭାଜପା ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହିତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବ ବୋଲି ସେ କହିଛନ୍ତି ।

ପ୍ରକାଶ ଥାଉକି, କଟଲାଗୁଡ଼ାସ୍ଥିତ ଅନ୍ୱେଷା ହଷ୍ଟେଲ ପ୍ରଥମ ୱାର୍ଡରେ ସହକାରୀ ଅଧୀକ୍ଷକ ବିଶ୍ୱାମିତ୍ର ସୁନା ଅନ୍ତେବାସୀଙ୍କୁ ଖରାପ ଖାଦ୍ୟ ଖାଇବାକୁ ଦେଉଛନ୍ତି । ଏ ନେଇ ଛାତ୍ରମାନେ ଅଭିଯୋଗ କଲେ ସେମାନଙ୍କୁ ଦୁର୍ବ୍ୟବହାର କରିବା ସହ ମାଡ଼ ମରାଯାଉଛି । ଏହାର ପ୍ରତିବାଦରେ ଛାତ୍ରମାନେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ ନିମନ୍ତେ ଯାଇଥିଲେ । ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କୁ ଭେଟି ସେମାନଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରିଥିଲେ । ଏପରିକି ସହକାରୀ ଅଧୀକ୍ଷକ ସୁନା ଅଧିକାଂଶ ସମୟରେ ଅନୁପସ୍ଥିତ ରହୁଥିବାରୁ ଅନ୍ୟ ଜଣେ ହଷ୍ଟେଲ ପରିଚାଳନା କରୁଛନ୍ତି । ଜିଲା ମଙ୍ଗଳ ଅଧିକାରୀ ପରିଦର୍ଶନ କରିବାକୁ ଆସିବା ସମୟରେ ତାଜା ପରିବା ରଖି ସଜା ଯାଉଥିବାବେଳେ ଖାଇବା ସମୟରେ ପଚାଶଢ଼ା ପରିବା ରୋଷେଇ କରି ଖାଇବାକୁ ଦିଆଯାଉଥିବା ଅନ୍ତେବାସୀମାନେ ଅଭିଯୋଗ କରିଛନ୍ତି ।



ଭାଜପା ନେତାମାନେ ଜିଲା ମଙ୍ଗଳ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

